# Virtual Summit between India's Prime Minister Narendra Modi and Denmark's Prime Minister Mette Frederiksen

September 27, 2020

---

## ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଡେନମାର୍କର ପ୍ରଧାନମନ୍ତ୍ରୀ ମେଟ୍ଟେ ଫ୍ରେଡେରିକସେନଙ୍କ ମଧ୍ୟରେ ଭର୍ଚୁଆଲ୍ ସମ୍ମିଳନୀ

ସେପ୍ଟେମ୍ବର 27, 2020

1. ଭାରତ ଦ୍ୱାରା ଆୟୋଜିତ ଏକ ଭର୍ଚୁଆଲ୍ ଦ୍ୱିପାକ୍ଷିକ ସମ୍ମିଳନୀ **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଡେନମାର୍କର** ପ୍ରଧାନମନ୍ତ୍ରୀ **ମେଟ୍ଟେ ଫ୍ରେଡେରିକସେନଙ୍କ** ମଧ୍ୟରେ 28 ସେପ୍ଟେମ୍ବର 2020 ରେ ଅନୁଷ୍ଠିତ ହେଉଛି।

2. ଭାରତ-ଡେନମାର୍କ ଦ୍ୱିପାକ୍ଷିକ ସମ୍ପର୍କ ନିୟମିତ ଉଚ୍ଚସ୍ତରୀୟ ଆଦାନପ୍ରଦାନ ଦ୍ୱାରା ଚିହ୍ନିତ ଏବଂ ଐତିହାସିକ ଯୋଗସୂତ୍ର, ସାଧାରଣ ଗଣତାନ୍ତ୍ରିକ ପରମ୍ପରା ଓ ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ଶାନ୍ତି ଏବଂ ସ୍ଥିରତା ପାଇଁ ସହଭାଗୀ ଇଚ୍ଛାଶକ୍ତି ଉପରେ ଆଧାରିତ।

3. ଭାରତ ଓ ଡେନମାର୍କ ମଧ୍ୟରେ ମାଲ ଓ ସେବା କ୍ଷେତ୍ରରେ ଦ୍ୱିପାକ୍ଷିକ ବାଣିଜ୍ୟ 30.49% ବୃଦ୍ଧି ପାଇ 2016 ରେ 282 କୋଟି ଆମେରିକୀୟ ଡ଼ଲାରରୁ 2019 ରେ 368 କୋଟି ଆମେରିକୀୟ ଡ଼ଲାରରେ ପହଞ୍ଚିଛି। ପରିବହନ, ଅକ୍ଷୟ ଶକ୍ତି, ପରିବେଶ, କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ଓ ସ୍ମାର୍ଟ ସହରୀ ବିକାଶ ଆଦି କ୍ଷେତ୍ରରେ ପ୍ରାୟ 200 ଡେନମାର୍କ କମ୍ପାନୀ ଭାରତରେ ନିବେଶ କରିଛନ୍ତି। 'ମେକ ଇନ ଇଣ୍ଡିଆ' କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ଡେନମାର୍କ କମ୍ପାନୀ ନୂତନ କାରଖାନାମାନ ସ୍ଥାପନା କରିଛନ୍ତି। ପ୍ରାୟ 25 ଭାରତୀୟ କମ୍ପାନୀ ଡେନମାର୍କରେ ସୂଚନା ପ୍ରଯୁକ୍ତିବିଦ୍ୟା, ଅକ୍ଷୟ ଶକ୍ତି ଓ ବୈଷୟିକ ବିଜ୍ଞାନ କ୍ଷେତ୍ରରେ କାର୍ଯ୍ୟରତ ଅଛନ୍ତି।

4. ଏହି ଅବସରରେ ଭାରତ ଓ ଡେନମାର୍କ ମଧ୍ୟରେ ରଚନାତ୍ମକ ସମ୍ପତ୍ତି ସହଯୋଗ କ୍ଷେତ୍ରରେ ଏକ ଚୁକ୍ତି/ଏମଓୟୁ ସ୍ୱାକ୍ଷରିତ ହେବ। ଏହି ସମ୍ମିଳନୀର ଅନ୍ୟ ଏକ ଆଭିମୁଖ୍ୟ ହେଉଛି ଡେନମାର୍କର ଆନ୍ତର୍ଜାତୀୟ ସୌର ଗୋଷ୍ଠୀସମୂହରେ ଯୋଗଦାନ।

5. ଏହି ଭର୍ଚୁଆଲ୍ ସମ୍ମିଳନୀ ଦୁଇ ଦେଶ ମଧ୍ୟରେ ସମୟ ପରୀକ୍ଷିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପରିପ୍ରେକ୍ଷୀରେ ଦ୍ୱିପାକ୍ଷିକ ସମ୍ପର୍କର ବ୍ୟାପକ ଢାଞ୍ଚାକୁ ସମୀକ୍ଷା କରିବା ତଥା ପାରସ୍ପରିକ ଆଗ୍ରହର ବିଷୟଗୁଡିକ ଉପରେ ମଜବୁତ ଓ ଗଭୀର ସହଯୋଗୀ ଭାଗିଦାରୀ ପାଇଁ ଏକ ବ୍ୟାପକ ରାଜନୈତିକ ଦିଗ ଦେବା ପାଇଁ ଦୁଇ **ପ୍ରଧାନମନ୍ତ୍ରୀଙ୍କୁ** ଏକ ସୁଯୋଗ ପ୍ରଦାନ କରିବ।

**ନୂଆଦିଲ୍ଲୀ**
**ସେପ୍ଟେମ୍ବର 27, 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.